# Akashvani, Sambalpur

## SAMBALPURI NEWS EVENING BULLETIN
## 20 May 2025- 7.02 pm- 7.12 pm.

*********************************************

୧- ରାଏଜେ ଆଏବା କାଏଲ୍ ବାହାର୍‌ବା ଯୁକ୍ତ ଦୁଇ ପରୀକ୍ଷାଫଲ୍ ।

- ଯୁକ୍ତ ୩ଥି ନାଁଲେଖା ଲାଗି ଜୁନ୍ ୧ ତାରିଖ୍ ତକ୍ ବଢ଼୍‌ଲା ଆବେଦନ୍ ସମିଆ ।

୨- ରାଜ୍ୟ କେବିନେଟ୍ ବୈଠକ୍‌ର ଢାଂଚାଥି ପରିବର୍ତନ୍ ଲାଗି ସଂସଦୀୟ ବ୍ୟାପାର୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି ।

୩- ଦେଶର୍ ଅର୍ଥବ୍ୟବସ୍ଥାଥି ସମ୍ବଲ୍‌ପୁର୍ ଯୋଗଦାନ ରହିଛେ- କହେଲେ ନୀତି ଆୟୋଗ୍‌ର ଆଘର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ୍ କାନ୍ତ ।

ଆଉର୍

୪- ବୌଦ୍ଧ ଜିଲ୍ଲା ନ ଅନ୍‌ଲାଇନ୍ ଜରିଏ ମୁଲ୍ ହେବା ସର୍‌କାରୀ କାର୍ଯ୍ୟାଳୟ ମାନ୍‌କେ ନଥିପତ୍ର ବ୍ୟବସ୍ଥା ।

ପରୀକ୍ଷା ଫଲ୍ ବାହାର୍‌ଲା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବା କାଏଲ୍ ଉପର୍‌ବେଲା ୪ ବଜେ ବାହାର୍‌ବା ବଲି ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ପ୍ରଶାନ୍ତ କୁମାର୍ ପରିଡ଼ା କହିଛନ୍ । ସେ କହିଛନ୍, ଇଥର କଳା, ବାଣିଜ୍ୟ ଆଉ ବିଜ୍ଞାନ୍‌ର ପରୀକ୍ଷା ଫଲ୍ ଏକାସାଙ୍ଗେ ବାହାର୍‌ବା । ରେଗୁଲାର୍ ଆର୍ ଏକ୍ସରେଗୁଲାର୍ ବର୍ଗଥି ମୋଟ୍ ୩ ଲାଖ୍ ୯୩ ହଜାର୍ ୬ ଶହ ୧୮ ଝନ୍ ଛାତ୍ରଛାତ୍ରୀଙ୍କର୍ ପରୀକ୍ଷାଫଲ୍ ଆଏବା କାଏଲ୍ ବାହାର୍‌ବା ବଲି ଜନାପଡ଼ିଛେ । ଛାତ୍ରଛାତ୍ରୀମାନେ Results.odisha.gov.in ଆର୍ Results.digilocker.gov.in ୱେବ୍‌ସାଇଟ୍ ଜରିଏ ଫରୀକ୍ଷାଫଲ୍ ଜାନିପାର୍‌ବେ ।

ସେଆଡ଼େ ଯୁକ୍ତ ୩ ନାଁଲେଖା ସମିଆକେ ଉଚ୍ଚ ଶିକ୍ଷା ବିଭାଗ୍ ଜୁନ୍ ୧ ତାରିଖ୍‌ତକ୍ ବଢ଼େଇଛନ୍ । ଛାତ୍ରଛାତ୍ରୀମାନେ ଆଏବା ଜୁନ୍ ୧ ତାରିଖ୍ ଭିତ୍‌ରେ ସାମ୍ସ ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ଆବେଦନ୍ କରିପାର୍‌ବେ । ଇତାର୍‌ସହେତେ ଯୁକ୍ତ ୨ ପରୀକ୍ଷାଥି ରଖିଥିବା ମାର୍କକେ ଭିଲ୍ ଜୁନ୍ ୧ ତାରିଖ୍‌ତକ୍ ଅପ୍‌ଲୋଡ୍ କରିପାର୍‌ବେ ।

ରାଜ୍ୟ କେବିନେଟ୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ କେବିନେଟ୍ ଢାଂଚାରେ ପରିବର୍ତ୍ତନ୍ ବାବ୍‌ଦେ ରାଜ୍ୟ ସଂସଦୀୟ ବ୍ୟାପାର୍ ବିଭାଗ୍ ତରଫ୍‌ରୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ନୂଆ ଢାଂଚା ବାବ୍‌ଦେ ସଂସଦୀୟ ବ୍ୟାପାର୍ ସଚିବ ସବୁ ବିଭାଗ୍‌କେ ଚିଠିରେ ଲେଖିକରି ଜନେଇଛନ୍ । ଚିଠି ଉଲ୍ଲେଖ ଅଛେ ଯେ, କେବିନେଟ୍ ବସ୍‌ବାର୍ ୫ ଦିନ୍ ଆଘୋନୁ ପ୍ରସ୍ତାବ୍ ଚୂଡ଼ାନ୍ତ ହେବା । ୨ ଦିନ୍ ଆଘୋନୁ କେବିନେଟ୍ ପ୍ରସ୍ତାବ୍‌ର ଫାଇଲ୍, ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କର୍ ପାଶ୍‌କେ ଯିବା । ମୁଖ୍ୟମନ୍ତ୍ରୀଙ୍କର୍ ବିନା ଅନୁମତିରେ କେନ୍‌ସି ଭିଲ୍ ପ୍ରସ୍ତାବ୍ କେବିନେଟ୍‌କେ ଆସି ନାଇଁପାରେ । ମୁଖ୍ୟ ଶାସନ୍ ସଚିବ ଆଉ ଉନ୍ନୟନ୍ କମିଶନର୍‌ଙ୍କର୍ ଛଡ଼ା ମୁଖ୍ୟମନ୍ତ୍ରୀଙ୍କର୍ ବିନା ଅନୁମତିରେ ଅଲ୍‌ଗା କେନ୍‌ସି ବିଭାଗୀୟ ସଚିବ କେବିନେଟ୍‌ରେ ବସି ନାଇଁ ପାରନ୍ । ଦର୍‌କାର୍ ପଡ୍‌ଲେ ବିଭାଗୀୟ ସଚିବ କେବିନେଟ୍ ବୈଠକ୍ ଗୃହକେ ଯାଇପାର୍‌ବେ । ପ୍ରସ୍ତାବ୍ ଅନୁମୋଦନ୍ ହେଲା ଉତ୍‌ରୁ ତାକେ କାର୍ଯ୍ୟକାରୀ କରାବାର୍‌ଟା ବିଭାଗୀୟ ମନ୍ତ୍ରୀଙ୍କର୍ ଦାୟିତ୍ୱ ବଲି ନିର୍ଦ୍ଦେଶ୍‌ନାମାରେ କୁହାଯାଇଛେ ।

ମିଶ୍ରି -ଡେଲିଗେସନ୍      ଆର୍‌ଏନ୍‌ୟୁ/ କଟକ୍

ବୈଦେଶିକ୍ ସଚିବ ବିକ୍ରମ୍ ମିଶ୍ରି ଆଏଜ୍ ମିଲିତ ରାଜନୈତିକ ଦଲ୍ ପ୍ରତିନିଧି ମଣ୍ଡଳୀର୍ ସଦସ୍ୟମାନ୍‌କୁ ଅପରେସନ୍ ସିନ୍ଦୁର୍

ବାବ୍‌ଦେ ସୂଚ୍‌ନା ଦେବେ । ଇ ସୂଚ୍‌ନା ଆଧାର୍‌ଥି ବିଦେଶ୍ ଗସ୍ତ କରୁଥିବା ରାଜନୈତିକ୍ ଦଲ୍‌ର ପ୍ରତିନିଧି ମଣ୍ଡଲୀ ପାକିସ୍ତାନ୍ ବିରୋଧ୍‌ଥି ଭାରତ୍‌ର ଅପରେସନ୍ ସିନ୍ଦୁର୍ ବାବ୍‌ଦେ ଜନାବେ । ଆଘୋନୁ ପାକିସ୍ତାନ୍ ପ୍ରାୟୋଜିତ ଆତଙ୍କବାଦ୍ କାର୍ଯ୍ୟକଲାପ ବିରୋଧ୍‌ଥି ଭାରତ୍‌ର କଡ଼ା ଆଭିମୁଖ୍ୟ ଉପସ୍ଥାପନ୍ କର୍‌ବାର୍ ଲାଗି ସର୍‌କାର୍ ଭିନ୍ ଭିନ୍ ଦେଶ୍‌କେ ସର୍ବଦଲୀୟ ପ୍ରତିନିଧି ମଣ୍ଡଲୀ ପଠାବାର୍ ଲାଗି ଘୋଷ୍‌ନା କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ମିଲିତ ଜାତିସଂଘ ସୁରକ୍ଷା ପରିଷଦ୍‌ର ସଦସ୍ୟମାନ୍‌କର୍ ସହେତେ ୭ ଟା ପ୍ରତିନିଧି ଦଲ୍ ମୁଖିଆ ଅଂଶୀଦାର୍ ଦେଶ୍ ପରିଦର୍ଶନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସଂସଦ୍‌ର ୫୯ ଝନ୍ ସଦସ୍ୟଙ୍କୁ ନେଇକରି ହେଇଥିବା ଇ ପ୍ରତିନିଧି ଦଲ୍ ୩୨ ଟା ଦେଶ୍ ଗସ୍ତ କର୍‌ବେ । ଆଏବା ୨୩ ତାରିଖ୍‌ନୁ ମୁଲ୍ ହେବାର୍‌କେ ଥିବା ଇ ଗସ୍ତ କାର୍ଯ୍ୟକ୍ରମ୍ ଜୁନ୍ ୧ ତାରିଖ୍‌ତକ୍ ଚାଲ୍‌ବା ।

## ପିଜିଟି ଶିକ୍ଷକ୍-ଦକ୍ଷତା ବିକାଶ୍ କର୍ମଶାଲା I&PR

ସର୍‌କାରୀ ଉଚ୍ଚ ମାଧ୍ୟମିକ୍ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ସ୍ନାତକୋତର- ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ଲାଗି ୨ ଦିନିଆ ଦକ୍ଷତା ବିକାଶ୍ କର୍ମଶାଲା ଭୁବନେଶ୍ୱର କୃଷି ଭବନ୍ ଅଡିଟୋରିୟମ୍ ନ ମୁଲ୍ ହେଇଛେ । କର୍ମଶାଲା ନ ୧୭ ଟା ସର୍‌କାରୀ ଉଚ୍ଚମାଧମିକ ବିଦ୍ୟାଳୟର୍ ପାଖାପାଖି ୩ ଶହ

ପିଜିଟି ଶିକ୍ଷକ୍ ଶିକ୍ଷୟିତ୍ରୀ ଯୋଗ୍ ଦେଇଛନ୍ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍‌ର ଅଧ୍ୟକ୍ଷ ମୃଣାଲ୍ କାନ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇ କର୍ମଶାଲାକେ ଉଦ୍‌ଘାଟନ୍ କରିଛନ୍ । ଇ ଦୁଇଦିନିଆ କର୍ମଶାଲାଥି ବିଦ୍ୟାଳୟର୍ କାର୍ଯ୍ୟାଳୟ ପ୍ରତିଷ୍ଠାନ୍ ପରିଚାଲ୍‌ନା, ପରୀକ୍ଷା ପରିଚାଲନା, ଅନ୍‌ଲାଇନ୍ ଏକାଡେମିକ୍ ସର୍ପୋଟ ପ୍ରୋଗ୍ରାମ୍, ଇ-ଆଡ଼୍‌ମିଶନ୍, ଛାତ୍ରବୃତି ଆର୍ ଡିଜିଟାଲ୍ କ୍ଲାସ୍‌ରୁମ୍‌ର ବେଭାର୍ ବାବ୍‌ଦେ ତାଲିମ୍ ଦିଆଯିବା ।

କରୋନା ସତର୍କତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ କୋଭିଡ୍ ମୃତ୍ୟୁ ସାମ୍ନାକେ ଆସ୍‌ବାର୍ ଉତ୍‌ରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର୍ ନୀଳକଣ୍ଠ ମିଶ୍ର ସାଧାରଣ୍ ଲୁକ୍‌କୁ ସତର୍କ କରେଇଛନ୍ । କିଡ୍‌ନୀ ବେମାର୍‌ଥି ଆକ୍ରାନ୍ତ ଥିଲେ ମାସ୍କ ପିନ୍ଧ୍‌ବାର୍ ଲାଗି ପରାମର୍ଶ ଦିଆଯାଇଛେ । ଇହାଦେ ଦେଖାଦେଇଥିବା କୋଭିଡ୍ ଓମିକ୍ରନ୍‌ର ସବ୍ ଭେରିଏଂଟ୍‌ଥି କୋଭିଡ୍ ଭୂତାଣୁର୍ ସାମାଏନ୍ ଲକ୍ଷଣ୍ ରହୁଛେ । ଇହାଦେତକ୍ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଇ ବାବ୍‌ଦେ କେନ୍‌ସି ମାର୍ଗଦର୍ଶିକା ଜାରି ନାଇଁ ହେଇ ବଲି ଡାକ୍ତର୍ ମିଶ୍ର କହିଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଆଏବା ୨୩ ତାରିଖ୍ ଭିତ୍‌ରେ ଦେଇପାର୍‌ବେ ।

ଜି-ଟ୍ୱେଂଟି ସେର୍ପା- ସମ୍ବଲପୁର୍ ଗସ୍ତ          ସମ୍ବଲ୍‌ପୁର୍ ସମ୍ବାଦଦାତା

ନୀତି ଆୟୋଗ୍‌ର ଆଘର୍ କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ଜି-ଟ୍ୱେଂଟି ସେର୍ପା ଅମିତାଭ୍ କାନ୍ତ ୨ ଦିନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଜିଲ୍ଲାର୍ ବିକାଶ୍ ମୂଲକ୍ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଶିକ୍ଷା, ବ୍ୟବସାୟ, ଅର୍ଥନୀତି ଆର୍ ପର୍ଯ୍ୟଟନ୍‌ଥି ସମ୍ବଲ୍‌ପୁର୍‌ର ବିକାଶ୍‌କେ ନେଇକରି ଜିଲ୍ଲାପାଲ୍ ଆଉ ମହାନଗର୍ ନିଗମ୍ କମିଶନର୍‌ଙ୍କର୍ ସାଙ୍ଗେ ସେ ଆଲୋଚନା କରିଛନ୍ ।

ବୁର୍ଲା ଭିସୁଟ୍ ଗସ୍ତଥି ଯାଇକରି ଶ୍ର କାନ୍ତ କହିଛନ୍, ଇଟା ଆଇଆଇଟି ଖଡ଼ଗ୍ପୁର୍ ସମିଆର୍ ପ୍ରତିଷ୍ଠାନ୍ ଆଏ ଆଉ ଇଠାନେ ଦିଆଯାଉଥିବା ଶିକ୍ଷା ସାରା ଦେଶେ କାହାରିକେ ଦିଆ ନାଇଁ ଯାଏ । ଡ୍ରୋନ୍ ନିର୍ମାଣ, ଏରୋସ୍ପେଶ୍, ରୋବୋଟିକ୍ କ୍ଷେତ୍ରଥି ଇନର୍ ଛାତ୍ରଛାତ୍ରୀ ୧ ନମ୍ବର୍ ହେବାର୍ ସହେତେ ଦେଶର୍ ବିକାଶ୍ଥି ସାମିଲ୍ ହେବାର୍ ଲାଗି ଶ୍ରୀ କାନ୍ତ ଆହ୍ୱାନ୍ ଦେଇଛନ୍ । ସେଆଡ଼େ ଇତାର୍ ଆଘୋନୁ ଆଇଆଇଏମ୍ ସମ୍ବଲ୍ପୁର୍ ନ ଗୁଟେ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଶ୍ରୀ କାନ୍ତ ଛାତ୍ରଛାତ୍ରୀ ଆଉ ଶିକ୍ଷକ୍ ଶିକ୍ଷୟିତ୍ରୀଙ୍କର୍ ସହେତେ ଆଲୋଚନା ବେଲ୍କେ ଆଇଆଇଟି ଆର୍ ଆଇଆଇଏମ୍ର ଭୂମିକା ବାବ୍ଦେ କହିଥିଲେ । ଦେଶର୍ ଅର୍ଥବ୍ୟବସ୍ଥାଥି ସମ୍ବଲ୍ପୁର୍ର ଯୋଗ୍ଦାନ୍ ବାବ୍ଦେ ଅମିତାଭ୍ କାନ୍ତ କହିଛନ୍...

(ଭଏସ୍ ଓଭର୍- ଅମିତାଭ୍ କାନ୍ତ)

ବସୁନ୍ଧରା ଯୋଜ୍ନା          ଆର୍ଏନ୍ୟୁ/ କଟକ୍

ରାଏଜେ ୪ ଡିସ୍ମିଲ୍ନୁ କମ୍ ଜମି ଥିବା ଲୁକ୍କୁ ଭୂମିହୀନ ହିସାବେ ଗନାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଆଏବା ଦିନେ ସେମାନ୍କୁ ଚିହ୍ନଟ୍ କରାଯାଇକରି ତାଲିକା ତିଆର୍ କରାଯିବା । ଚିହ୍ନଟ୍ ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜ୍ନାଥି ଜମି ପଟ୍ଟା ଦିଆଯିବା । ଇ ବାବ୍ଦେ

ସବୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବାହାର ଚନ୍ଦନ୍ ଯାତ୍ରା ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ଅଖୀ ତୃତୀୟା ନୁ ମୁଲ୍ ହେଇଥିବା ବାହାର ଚନ୍ଦନ୍ ଯାତ୍ରାର୍ ଆଏଜ୍ ଶେଷ୍ ଦିନେ ନରେନ୍ଦ୍ର ପୁଷ୍କରିଣୀ ନ ମାହାପୁରୁମାନ୍‌କର୍ ହଲ୍‌ଦିପାଣି ନୀତି କରାହେବା । ସେଆଡ଼େ ଗଲାକାଏଲ୍ ଭଉଁରୀ ତିଥି ନ ଚଲନ୍ତି ପ୍ରତିମା ମାନେ ନରେନ୍ଦ୍ର ପୁଷ୍କରିଣୀ ନ ବିଜେ କର୍‌ବାର୍ ସହେତେ ୨୧ ଘେରା ଜଲକ୍ରୀଡ଼ା କରିଥିଲେ । ସେଆଡ଼େ ଆଏବା କାଏଲ୍‌ଠାନୁ ମାହାପୁରୁମାନ୍‌କର୍ ୨୧ ଦିନିଆ ଭିତର ଚନ୍ଦନ୍ ଯାତ୍ରା ଶ୍ରୀମନ୍ଦିର୍ ଭିତ୍‌ରେ ମୁଲ୍ ହେବା ।

ଆଇଆଇଏମ୍‌ସି-ପିଏଚ୍‌ଡି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ଜନସଂଚାର୍ ସଂସ୍ଥାନ୍- ଆଇଆଇଏମ୍‌ସି ନ ଇ ଶିକ୍ଷା ବଛର୍‌ନୁ ପିଏଚ୍‌ଡି ପାଠ୍ୟକ୍ରମ୍ ମୁଲ୍ ହେବା । ଇ କୋର୍ସ ଖାଲି ଦିଲ୍ଲୀ ନ ଥିବା ଆଇଆଇଏମ୍‌ସି ଥି ମିଲିପାର୍‌ବା । ରେଗୁଲାର୍ ଆଉ ପାର୍ଟଟାଇମ୍ ଜରିଏ ନାଁଲେଖା ହେବା ବଲି ଆଇଆଇଏମ୍‌ସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା-ଜିଲ୍ଲାପାଲ୍     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଠାନେ ତିଆର୍ ହଉଥିବା ୩ ଶହ ଶଯ୍ୟାର ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନାକେ ଆଏଜ୍ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ପରିଦର୍ଶନ୍ କରିଛନ୍ । ଆଏବା ଜୁନ୍ ମାସର୍ ଶେଷ୍‌ତକ୍ ଇତାର୍ ଉଦ୍‌ଘାଟନ୍ କର୍‌ବାର୍ ଲାଗି ଧାରିଜ୍ ହେଇଥିବାର୍ ବେଲେ ନିର୍ମାଣ୍ କାମ୍‌ର ପ୍ରଗତି ବାବ୍‌ଦେ ଜିଲ୍ଲାପାଲ୍ ଅନୁଧ୍ୟାନ୍ କରିଥିଲେ । ଇତାର୍‌ସହେତେ ସ୍ୱାସ୍ଥ୍ୟ ବିଭାଗ୍ ଆଉ ସମ୍ପୃକ୍ତ ଅଲ୍‌ଗା ବିଭାଗ୍‌ର ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ସମୀକ୍ଷା ବୈଠକ୍ ଭିଲ୍ ହେଇଛେ ।

ଅନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା       ବୌଦ୍ଧ ସମ୍ବାଦଦାତା

ସର୍‌କାରୀ କାମ୍‌ଥି ସ୍ୱଚ୍ଛତା ଆନ୍‌ବାର୍ ଲାଗି ବୌଦ୍ଧ ଜିଲ୍ଲା ନ ଆଏବା ୨୭ ତାରିଖ୍‌ନୁ ଅନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା ମୁଲ୍ ହେବା ।  ଇଟାକେ ଲାଗୁ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପାଇଲଟ୍ ଜିଲ୍ଲା ଭାବେ ବୌଦ୍ଧ ଜିଲ୍ଲାକେ ବଛାଯାଇଛେ । ଇ ମାସର୍ ୨୭ ତାରିଖ୍‌ତକ୍ ଜିଲ୍ଲାର୍ ସବୁ ସର୍‌କାରୀ କାର୍ଯ୍ୟାଳୟ, ବ୍ଲକ୍ ଆଉ ତହସିଲ୍ କାର୍ଯ୍ୟାଳୟ ନ ଇ ଅନ୍‌ଲାଇନ୍ ନଥିପତ୍ର ବ୍ୟବସ୍ଥା ମୁଲ୍ ହେବା । ଇଥିର୍‌ଲାଗି ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ଗୃହ ନ ଗୁଟେ ପ୍ରସ୍ତୁତି ଆଉ ତାଲିମ୍ ଶିବିର ହେଇଯାଇଛେ ।

ନୂଆପଡ଼ା ଧାନ୍ ଘିନା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ସାରାବଙ୍ଗ୍ ପ୍ରାଥମିକ ସମବାୟ ସମିତି ତର୍‌ଫୁ ଡାଲୁଆ ଧାନ୍ ଘିନା ମୁଲ୍ ହେଇଛେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ମଣ୍ଡି ମୁଲ୍ ହେଇକରି ଗୁଟେ ସାଧାରଣ ସଭା ଭିଲ୍ ହେଇଯାଇଛେ । ଜିଲ୍ଲା ନ ଇଥର ୪ ଲାଖ୍ ୮୯ ହଜାର୍ କ୍ୱିଂଟାଲ୍ ଧାନ୍ ଘିନା ଲାଗି ଲକ୍ଷ୍ୟ ରଖାଯାଇଛେ । ୪୭ ଟା ପ୍ରାଥମିକ୍ କୃଷି ସମବାୟ ସମିତି ଆଉ ୪ ଟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ୨୫ ଟା ରାଇସ୍ ମିଲ୍ ତର୍‌ଫୁ ଧାନ୍ ଘିନାଯିବା । ଚାଷୀମାନ୍‌କୁ ଧାନ୍ ବିକ୍‌ବାର୍ ବାବ୍‌ଦେ ସବୁ ସୂଚ୍‌ନା ଦେବାର୍ ସହେତେ ସଚେତନ୍ କର୍‌ବାର୍ ଲାଗି ୫ ଟା ବ୍ଲକ୍ ନ ୫ ଟା ପ୍ରଚାର୍ ରଥ ବୁଲୁଛେ ।

ପ୍ରାକୃତିକ୍ ବିପର୍ଯ୍ୟୟ-ବୈଠକ୍          ଦେବ୍‌ଗଡ଼୍ ସମ୍ବାଦଦାତା

ଆଏବା ମୌସୁମୀକେ ନଜର୍‌ଥି ରଖିକରି କେନ୍‌ସି ପ୍ରକାରର୍ ପ୍ରାକୃତିକ୍ ବିପର୍ଯ୍ୟୟର୍ ମୁକାବିଲା ଲାଗି ଜିଲ୍ଲାସ୍ତରୀୟ ପ୍ରାକୃତିକ୍ ବିପର୍ଯ୍ୟୟ ପରିଚାଳନା କମିଟିର୍ ଗୁଟେ ପ୍ରସ୍ତୁତି ବୈଠକ୍ ଦେବ୍‌ଗଡ଼୍ ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଛେ । ବୈଠକ୍‌ଥି ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲା ପରିଷଦ୍ ଅଧ୍ୟକ୍ଷ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ୍ ପ୍ରମୁଖ

ଯୋଗ୍ ଦେଇକରି ପ୍ରାକୃତିକ୍ ଆପ୍‌ଦା ସମିଆର୍ ଖୋବ୍ ଆଘୋନୁ ନିଜର୍ ନିଜର୍ ବିଭାଗ୍‌ର କାର୍ଯ୍ୟଖସଡ଼ା ପ୍ରସ୍ତୁତ୍ ରଖ୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ୨୫ ତାରିଖ୍ ବେଲ୍‌କେ ମୌସୁମୀ କେରଳ ପୁହୁଁଚିବା ବଲି ଅନୁମାନ୍ କରାଯାଇଛେ । ଇ ବଛର୍ ୬ ଦିନ୍ ଆଘୋନୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ୍ ସାଗର୍ ପୁହୁଁଚିଥିଲା । ଆଏବା ୨୪ ତାରିଖ୍‌ତକ୍ ରାଜ୍ୟର୍ ବଡ଼ଭାଗୀ ଜିଲ୍ଲା ନ କାଲ୍‌ବୈଶାଖୀ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ବର୍ଷା ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।